# NATIONAL NEWS BULLETIN (ODIA)

## 13 October - 2025

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ପ୍ରଦର୍ଶନ ଲାଗି ଆଜି ସାରା ଦେଶରେ ଅନୁଷ୍ଠିତ ହେବ ବିକଶିତ ଭାରତ ବିଲଡାଥନ୍ ୨୦୨୫ ।
- ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଲାଗି ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।
- ରାଜସ୍ଥାନରେ ଆଜି ୯ ହଜାର ୩୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଗାଜାରେ ଯୁଦ୍ଧ ସମାପ୍ତ କରି ଆନ୍ତର୍ଜାତିକ ଶାନ୍ତି ଚୁକ୍ତି ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ଆଜି ଇଜିପ୍ଟରେ ଅନୁଷ୍ଠିତ ହେବ ବୈଠକ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ୧୭୩ରନ୍‌ରୁ ଦ୍ୱିତୀୟ ଇଂନିସ ଜାରି ରଖିବ ୱେଷ୍ଟଇଣ୍ଡିଜ୍ ।

# ବିକଶିତ ଭାରତ ବିଲଡାଥନ୍

ଭାରତର ସର୍ବବୃହତ ହାକାଥନ୍ – 'ବିକଶିତ ଭାରତ ବିଲଡାଥନ୍' ୨୦୨୫ ଆଜି ସକାଳ ୧୦ଟାରୁ ରାତି ୧୧ଟା ମଧ୍ୟରେ ଅନୁଷ୍ଠିତ ହେବ । ଏହା ଅଧୀନରେ ଦେଶ ବ୍ୟାପି ବିଦ୍ୟାଳୟ ଏବଂ ଶିକ୍ଷକମାନଙ୍କୁ ସାମିଲ କରାଯାଇ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସୃଜନଶୀଳତା ଓ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ମଞ୍ଚ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି – ବିଦ୍ୟାଳୟ ସ୍ତରରେ ନବସୃଜନର ସଂସ୍କୃତିକୁ ସୁଦୃଢ଼ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମନିର୍ଭର ଭାରତ, ସ୍ୱଦେଶୀ, ଭୋକାଲ ଫର୍ ଲୋକାଲ୍ ଏବଂ ସମୃଦ୍ଧ ଭାରତ ଉପରେ ପ୍ରତିବଦ୍ଧତା ସୃଷ୍ଟି କରିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ଅଟଳ ଇନୋଭେସନ୍ ମିଶନ୍ ଓ ନୀତି ଆୟୋଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମର ସିଧା ପ୍ରସାରଣ **Vbb.mic.gov.in** ପୋର୍ଟାଲ୍ ଏବଂ **Schoolinnovationmarathan.org** ୱେବ୍‌ସାଇଟ୍ ମାଧ୍ୟମରେ କରାଯିବ । ଏହି ବିଲଡାଥନ୍‌ରେ ୧ କୋଟି ଟଙ୍କାର ପୁରସ୍କାର ରହିଥିବା ବେଳେ ୧୦ ଜଣ ଜାତୀୟ ସ୍ତରୀୟ ବିଜେତା, ୧୦୦ ଜଣ ରାଜ୍ୟସ୍ତରୀୟ ବିଜେତା ଏବଂ ୧ହଜାର ଜଣ ଜିଲ୍ଲାସ୍ତରୀୟ ବିଜେତାଙ୍କୁ ପ୍ରଦାନ କରାଯିବ ।

# ବିହାର ନୋଟିଫିକେସନ୍

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଏଥିସହିତ ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଏହି ପର୍ଯ୍ୟାୟରେ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି । ୨୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୩ ତାରିଖ ସୁଦ୍ଧା ପ୍ରତ୍ୟାହାର ଲାଗି ସମୟ ଧାର୍ଯ୍ୟ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଭୋଟ ଗ୍ରହଣ ହେବ । ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ନଭେମ୍ବର ୧୪ ତାରିଖରେ ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ହେବ । ମୋଟ୍ ୭ କୋଟି ୪୨ ଲକ୍ଷରୁ ଅଧିକ ଭୋଟର ମତଦାନ ପ୍ରକ୍ରିୟାରେ ସାମିଲ ହେବେ ।

# ପିଏମ୍-ବିହାର

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆସନ୍ତା ବୁଧବାର ଦିନ ବିହାରର ବୁଥ୍ ସ୍ତରୀୟ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ 'ମେରା ବୁଥ୍ ସବ୍‌ସେ ମଜବୁତ୍' ଅଭିଯାନରେ ଅଂଶଗ୍ରହଣ କରି ପରାମର୍ଶ ଦେବା ଲାଗି ଦଳୀୟ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି । କେତେ ଜଣ

ଦଳୀୟ କର୍ମୀଙ୍କ ସହ ପ୍ରଧାନମନ୍ତ୍ରୀ ସିଧାସଳଖ କଥାବାର୍ତ୍ତା କରିବେ ବୋଲି ଜଣାପଡ଼ିଛି ।

## ଅମିତ ଶାହା ଜୟପୁର

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦିନିକିଆ ରାଜସ୍ଥାନ ଗସ୍ତରେ ଯାଇ ଜୟପୁରରେ ପହଞ୍ଚିବେ । ଏହି ଗସ୍ତ କାଳରେ ସେ ନୂଆ ଅପରାଧିକ ଆଇନ୍ ଭାରତୀୟ ନ୍ୟାୟ ସଂହିତା, ନାଗରୀକ ସୁରକ୍ଷା ସଂହିତା ଏବଂ ସାକ୍ଷ୍ୟ ଅଧିନିୟମ ଲାଗୁ ହେବାର ଏକ ବର୍ଷ ପୂର୍ତ୍ତି ଅବସରରେ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ଆଜିଠାରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ୬ ଦିନିଆ ପ୍ରଦର୍ଶନୀରେ ନୂତନ ଅପରାଧିକ ଆଇନ୍‌ର ବିଭିନ୍ନ ଦିଗ ଓ ଏହାର ପ୍ରଭାବ ସମ୍ପର୍କରେ ଉପସ୍ଥାପନ କରାଯିବ ।

ପରେ ଶ୍ରୀ ଶାହା ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଶାହା ରାଜସ୍ଥାନ ବିଶ୍ୱ ନିବେଶ ସମ୍ମିଳନୀ ୨୦୨୪ ନିମନ୍ତେ ୪ ଲକ୍ଷ କୋଟି ଟଙ୍କାର ଏକ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ରାଜସ୍ଥାନରେ ୯ ହଜାର ୩୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶ୍ରୀ ଶାହା ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ କାଳରେ ଶ୍ରୀ ଶାହା ଛାତ୍ରଛାତ୍ରୀମାନଙ୍କ ୟୁନିଫର୍ମ ନିମନ୍ତେ ୨୬୦ କୋଟି ଟଙ୍କା ଏବଂ ଦୁଗ୍ଧ ଉତ୍ପାଦକମାନଙ୍କ ପାଇଁ ସବ୍‌ସିଡି ସ୍ୱରୂପ ୩୬୪ କୋଟି

ଟଙ୍କା ହସ୍ତାନ୍ତର କରିବେ । ଆଜିଠାରୁ ରାଜସ୍ଥାନରେ ୧୫୦ ୟୁନିଟ୍ ମୁକ୍ତ ବିଜୁଳି ଯୋଜନାର ଶ୍ରୀ ଶାହା ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ।

## କାନାଡ଼ା ଏଫ୍ଏମ୍

କାନାଡ଼ା ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଏହି ଗସ୍ତ କାଳରେ ସେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଶ୍ରୀମତୀ ଆନନ୍ଦଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିବା ସହ ଭାରତ-କାନାଡ଼ା ସମ୍ପର୍କକୁ ଆହୁରି ମଜବୁତ କରିବ । ଚଳିତ ବର୍ଷ ଜୁନ୍ ମାସରେ କାନାଡ଼ାରେ ଅନୁଷ୍ଠିତ ଜି-ସେଭେନ୍ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା ।

## ଗାଜା ପେସ୍ ସମିଟ୍

ଗାଜାରେ ଯୁଦ୍ଧ ସମାପ୍ତ କରି ଆନ୍ତର୍ଜାତିକ ଶାନ୍ତି ଚୁକ୍ତି ଚୂଡ଼ାନ୍ତ କରିବା ନେଇ ଆଜି ଇଜିପ୍ଟରେ ବୈଠକ ହେବ । ଇଜିପ୍ଟ ରାଷ୍ଟ୍ରପତି ଆବ୍ଦେଲ

ଫତେ ଅଲ୍ ସିସି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୈଠକରେ ସହ-ଅଧ୍ୟକ୍ଷତା କରିବେ । ଏଥିରେ ୨୦ଟିରୁ ଅଧିକ ଦେଶର ନେତାମାନେ ଯୋଗଦେବେ ବୋଲି ଜଣାପଡ଼ିଛି । ବୈଠକରେ ଗାଜା ଷ୍ଟ୍ରିପ୍‌ରେ ସଂଘର୍ଷ ଶେଷ କରିବା, ଆଞ୍ଚଳିକ ଶାନ୍ତି ପ୍ରୟାସ ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ସୁରକ୍ଷା ଦୃଢ଼ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ ।

କେନ୍ଦ୍ର ପରିବେଶ ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଗାଜା ଶାନ୍ତି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କାଏରୋରେ ପହଞ୍ଚି ସାରିଥିବା ସୂଚନା ଦେଇଛନ୍ତି । ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ଓ ହମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଶାନ୍ତି ବୈଠକକୁ ସ୍ୱାଗତ କରିଥିଲେ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉଦ୍ୟମ ଫଳରେ ଏହି ଶାନ୍ତି ଚୁକ୍ତି ଚୂଡ଼ାନ୍ତ ରୂପ ନେବାକୁ ଯାଉଛି । କାଏରୋ ପକ୍ଷରୁ କୁହାଯାଇଛି, ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶାନ୍ତି ଯୋଜନା ଅନ୍ତର୍ଗତ ଯୁଦ୍ଧ ସମାପ୍ତ କରି ଆନ୍ତର୍ଜାତିକ ସମର୍ଥନ ହାସଲ କରିବା ଦିଗରେ ଏହି ବୈଠକ ସହାୟକ ହେବ । ତେବେ ଆଜିର ବୈଠକରେ ଇସ୍ରାଏଲ୍, ହମାସ ଏବଂ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଯୋଗଦେବେ ନାହିଁ ।

ଗତ ଶୁକ୍ରବାର ଦିନ ଇଜିପ୍ଟ, କତାର ଏବଂ ତୁର୍କୀର ମଧ୍ୟସ୍ଥତାରେ ତିନି ଦିନ ଧରି ଆଲୋଚନା ପରେ ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ର ବିରତି ଚୂଡ଼ାନ୍ତ ହୋଇଥିଲା । ଅସ୍ତ୍ର ବିରତି ଅନୁଯାୟୀ ଗାଜାରୁ ଇସ୍ରାଏଲି

ସୈନ୍ୟ ଅପସାରଣ ଏବଂ ପଣବନ୍ଦୀ ଓ ବନ୍ଦୀମାନଙ୍କୁ ମୁକ୍ତ କରିବା ବିଷୟ ମଧ୍ୟ ଚୂଡ଼ାନ୍ତ ହୋଇଥିଲା । ଆଜି ସୁଦ୍ଧା ହମାସ ସମସ୍ତ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଥିବା ବେଳେ ସେମାନଙ୍କ ମଧ୍ୟରେ ୨୦ ଜଣ ଜୀବିତ ଏବଂ ୨୮ ଜଣ ମୃତକ ଥିବା ଜଣାପଡ଼ିଛି ।

## ଇଣ୍ଟରନ୍ୟାସନ୍ ଡେ ଫର ଡିଜାଷ୍ଟର୍ ରିଡକସନ୍

ବିପର୍ଯ୍ୟୟର ମୁକାବିଲା କରିବା ଏବଂ ଏଥିଲାଗି ଲୋକାମନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱସ୍ତରରେ ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳନ କରାଯାଉଛି । ଏହି ଦିବସରେ ଲୋକମାନଙ୍କୁ ଅଧିକ ବିପର୍ଯ୍ୟୟ ବିରୋଧୀ ସମ୍ପ୍ରଦାୟ ଗଠନ କରିବା ଲାଗି ଉତ୍ସାହିତ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି – ‘ବିପର୍ଯ୍ୟୟ ନୁହେଁ ପାଣ୍ଠି ସ୍ଥିରତା’ । ବିଶ୍ୱସ୍ତରରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପାଣ୍ଠି ଯୋଗାଣ କରିବା ଉପରେ ଆଜିର ଦିନରେ ଗୁରୁତ୍ୱ ଦିଆଯାଉଛି । ୧୯୮୯ ମସିହାରେ ଜାତିସଂଘ ସାଧାରଣ ସଭାରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା ।

ସୂଚନା ଅନୁଯାୟୀ ପ୍ରତ୍ୟେକ ବର୍ଷ ସାରା ବିଶ୍ୱରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ୨୦୨ ବିଲିୟନ୍ ଡଲାର୍‌ରୁ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଏହା ବୃଦ୍ଧି ପାଇବାରେ ଲାଗିଛି । ଏକ ଆକଳନ ଅନୁଯାୟୀ ଭାରତର ୨୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତ୍ୟେକ ବର୍ଷ

ବାତ୍ୟା, ଭୂମିକମ୍ପ, ଭୂସ୍ଖଳନ, ବନ୍ୟା ଏବଂ ଦୁର୍ଭିକ୍ଷ ଭଳି ବିପର୍ଯ୍ୟୟର ସାମ୍ନା କରିଥାଏ । ଏହାର ମୁକାବିଲା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର ବଜେଟ୍ ଆବଣ୍ଟନ ସହ ଅତ୍ୟାଧୁନିକ ଜ୍ଞାନକୌଶଳ ବିକଶିତ କରାଯାଇଛି ।

## ୟୁଏସ୍ ମାସ୍ ସୁଟିଂ

ଆମେରିକାର ଦକ୍ଷିଣ କାଲିଫର୍ଣ୍ଣିଆର ଏକ ରେଷ୍ଟୋରାଁରେ ଜଣେ ଅଜଣା ଆତତାୟୀଙ୍କ ଗୁଳିରେ ଜାରି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି । ସେଠାକାର ଅଧିକାରୀ କହିଛନ୍ତି, ରାତି ପ୍ରାୟ ଗୋଟାଏ ବେଳେ ଗୁଳିକାଣ୍ଡ ଘଟଣା ଘଟିଥିଲା ଏବଂ ସେଥିରେ ଅନେକ ଲୋକ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ଚାରି ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ସ୍ଥାନୀୟ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରଶାସନ ପକ୍ଷରୁ ମୃତକଙ୍କ ନାମ ଘୋଷଣା କରାଯାଇନାହିଁ । ଗୁଳିଚାଳନା ସମୟରେ ସେଠାରେ ପ୍ରାୟ ଏକ ସହରୁ ଅଧିକ ଲୋକ ଉପସ୍ଥିତ ଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଏବଂ ସାମାଜିକ ଗଣମାଧ୍ୟମ ଅପରାଧରୁ ସୁରକ୍ଷିତ ରହିବା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଗୁରୁଗ୍ରାମର ସାଇବର ଅପରାଧ ଆରକ୍ଷି ଅଧିକ୍ଷକ ପ୍ରିୟାଂଶୁ ଦିଓ୍ୱାନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଟେଷ୍ଟ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ୱେଷ୍ଟଇଣ୍ଡିଜ୍ ଗତକାଲିର ସ୍କୋର ୧୭୩ରନ୍‌ରୁ ଦ୍ୱିତୀୟ ଇଂନିସ ଜାରି ରଖିବ । ଦିଲ୍ଲୀର ଅରୁଣ

ଜେଟ୍‌ଲୀ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସକାଳ ୯ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୯୭ରନ୍ ପଛରେ ରହିଛି । ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ୍ ଭାରତର ୫୧୮ରନ୍‌ର ଜବାବରେ ମାତ୍ର ୨୪୮ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଗତକାଲି ମ୍ୟାଚ୍‌ର ତୃତୀୟ ଦିନରେ ସାଇ ହୋପ୍ ଏବଂ ଜନ୍ କ୍ୟାମ୍ପବେଲ୍ ଅର୍ଦ୍ଧଶତକ କରିଥିଲେ । ଆଜି ମଧ୍ୟ ଉଭୟ ଖେଳାଳି ବ୍ୟାଟିଂ ଆରମ୍ଭ କରିବ ।

## ୱିମ୍ୟାନ୍ସ କ୍ରିକେଟ୍

ଆଇ.ସି.ସି. ମହିଳା ଏକ ଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ଠାରୁ ପରାସ୍ତ ହୋଇଛି । ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତୀୟ ମହିଳା ଦଳକୁ ତିନି ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୪୮ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୩୩୦ରନ୍ କରିଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ୪୯ ଓଭରରେ ୭ ୱିକେଟ୍ ବିନିମୟରେ ୩୩୧ରନ୍ ସ୍କୋର କରିଥିଲା । ମହିଳା ଏକଦିବସୀୟ କ୍ରିକେଟ୍‌ରେ ୩୩୦ରନ୍ ସ୍କୋର ସର୍ବାଧିକ ବୋଲି ଜଣାପଡ଼ିଛି । ଏହି ମ୍ୟାଚ୍‌ରେ ଭାରତର ଓପନର ସ୍ମୃତି ମନ୍ଧାନା ୬୬ଟି ବଲ୍‌ରୁ ୮୦ରନ୍ ସଂଗ୍ରହ କରିଥିବା ବେଳେ ଗୋଟିଏ ବର୍ଷରେ ଏକଦିବସୀୟ କ୍ରିକେଟ୍‌ରେ ଏକ ହଜାର ରନ୍ ସଂଗ୍ରହ କରିଥିବା ପ୍ରଥମ ମହିଳା ଖେଳାଳି ହୋଇଛନ୍ତି ।

# ଫୁଟବଲ୍ ୟୁ-୧୭ କ୍ୱାଲିଫାୟର୍ସ୍

ଏ.ଏଫ୍.ସି. ୧୭ ବର୍ଷରୁ କମ୍ ମହିଳା ଏସିଆ କପ୍ ଚାଇନା ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଆଜି କୀର୍ଗିଜ୍ ସହ ମ୍ୟାଚ୍ ଖେଳିବ । ଭାରତୀୟ ସମୟ ଆଜି ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଡୋଲେନ୍ ଓମୁରଜ୍ୟାକଭ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ । ୨୦୦୫ ମସିହା ୧୭ ବର୍ଷରୁ କମ୍ ଏ.ଏଫ୍.ସି. ମହିଳା ଏସିଆ ପ୍ରତିଯୋଗିତାରେ ଭାରତ ଶେଷ ଥର ଲାଗି ଭାଗ ନେଇଥିଲା । ୨୧ ବର୍ଷ ପରେ ପୁଣିଥରେ ଭାରତ ଏଥିରେ ଅବତୀର୍ଣ୍ଣ ହୋଇଛି । ଆସନ୍ତା ବର୍ଷ ମେ ମାସରେ ଚୀନ୍‌ରେ ହେବାକୁ ପ୍ରତିଯୋଗିତାରେ ୧୨ଟି ଟିମ୍ ଖେଳିବେ ।